## ବାଲି ଚାଲାଣ ବେଳେ ଚଢ଼ାଉ

**ଛେଣ୍ଡିପଦା,(ଡି.ଏନ.ଏ.):** ଛେଣ୍ଡିପଦା ତହସିଲ ଟାଙ୍ଗିରି ଗ୍ରାମ ନିକଟସ୍ଥ ଆଉଁଳି ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ଖବରପାଇ ବାଗଡିଆ ରାଜସ୍ୱ ନିରୀକ୍ଷକ ଯଜ୍ଞେଶ୍ୱର ସାହୁ ଚଢ଼ାଉ କରି ଏକ ଟ୍ରାକ୍ଟର ଜବତ କରିବା ସହିତ ଚାଳକଙ୍କୁ ପୋଲିସର ଜିମା ଦେଇଛନ୍ତି। ପୋଲିସ ଟ୍ରାକ୍ଟରକୁ ଥାନାକୁ ଆଣିବା ସହିତ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ



ଛେଣ୍ଡିପଦା,୧୭।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ପରିସରରେ ଅଧିକାରୀଙ୍କ ସରକାରୀ ବାସଗୃହ ଓ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଭୋଗ ମଣ୍ଡପ ଗୃହ ୨ୟ ମହଲା ଗୁରୁବାର ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଧାୟକଙ୍କ ସହ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ଚନ୍ଦ୍ରମଣି ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ବେହେରା, ଜଗନ୍ନାଥ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନ, ସମ୍ପାଦକ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ବିଜୟ ଦିବସ




ବଇଣ୍ଡା,୧୭।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ଠେଲକନାଳି ପଞ୍ଚାୟତ ଗତିକୃଷ୍ଣପୁର ଉପ୍ରା ବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ଓ ମା' ସ୍ୱର୍ଣ୍ଣଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିଜୟ ଦିବସ ପାଳିତ ହୋଇଯାଇଛି। ପୂଜା କମିଟି ସଭାପତି ସରୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷକ ଅବନୀ ନାୟକ, ନୀଳାମ୍ବର ସାହୁ, ଭୁଜଙ୍ଗ ନାୟକ ଯୋଗଦେଇଥିଲେ। ପ୍ରଥମେ ବାୟୁ ସେନା ହେଲିକପ୍ଟର ଦୁର୍ଘଟଣାରେ ପରଲୋକ ହୋଇଥିବା ସମସ୍ତ ଅଧିକାରୀଙ୍କ ପାଇଁ ଏକ ଶୋକ ସଭା କରାଯାଇଥିଲା। ପରେ ୧୯୭୧ ଡିସେମ୍ବର ୧୬ରେ ଯୁଦ୍ଧରେ ଭାରତ ବିଜୟ ଲାଭ କରିଥିବା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

### ଚାଷୀଙ୍କୁ କରାଗଲା ସଚେତନ



ବଇଣ୍ଡା,୧୭।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସାନହୁଲା ଗ୍ରାମରେ ଚାଷର ଉନ୍ନତି ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଅଧୀନ ଏମ୍.ଏସ୍. ସ୍ୱାମୀନାଥନ ସ୍କୁଲ ଅଫ ଏଗ୍ରିକଲଚର ଛାତ୍ରୀ ସୁଶ୍ରୀ ଭୂଲତା ପାତ୍ର ଯୋଗଦେଇ କିଭଳି ଚାଷୀମାନେ ନିଜ ମାଟି ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରି ଚାଷ କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ପୋକ କବଳରୁ କିପରି ଫସଲ ରକ୍ଷା କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ସମସ୍ତ ଚାଷୀ ସହଜରେ ଏବଂ ଅଳ୍ପ ଖର୍ଚ୍ଚରେ ଭଲ ଫସଲ କେମିତି ଅମଳ କରିବେ ତାହା ବୁଝାଇଥିଲେ। ଏଥିରେ ଗ୍ରାମର ୧୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ।

### ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବ



ବଇଣ୍ଡା,୧୭।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର କଦଳୀମୁଣ୍ଡା ଗ୍ରାମରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂଜକ ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଚିତ୍ତରଞ୍ଜନ ପ୍ରଧାନ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଗ୍ରାମର ନକୁଳ ବେହେରା, ଚିନ୍ତାମଣି ସାହୁ, ଭାଗୀରଥି ସାହୁ, ରାଜ କୁମାର ଅଗ୍ରୱାଲା, ଗୁଣନିଧି ସାହୁ, ସୁବାସ ପ୍ରଧାନ, ଅଜିତ ପଟ୍ଟନାୟକଙ୍କ ସମେତ ମନ୍ଦିର କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

### ମାଣବସା ଲକ୍ଷ୍ମୀପୂଜା



ବଇଣ୍ଡା,୧୭।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ ଶଙ୍ଖାରି ସାହି, ଠେଲକନାଳି ଗ୍ରାମରେ ଗୁରୁବାର ମାଣବସା ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଥିବା ବେଳେ କୋରୋନା କଟକଣାକୁ ମାନି ପୂଜା କରାଯାଉଛି। କମିଟିର ପ୍ରବୀଣ ସାହୁ, ମହେଶ ଟିବ୍ରିୱାଲା, ଚିତ୍ତରଞ୍ଜନ ସାହୁ, ବିଜୟ ସାହୁ, ବାପୁନ ସାହୁ, ପ୍ରେମାନନ୍ଦ ସାହୁ, କୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦାୟିତ୍ୱ, କର୍ତ୍ତବ୍ୟବୋଧ ଅଭାବ

- ■ବିବାଦରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ
- ■ଉପରଠାଉରିଆ ଭାବେ ଚାଲିଛି ପରିଚାଳନା
- ■ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ଜିଲାବାସୀ



ଅନୁଗୋଳ ଅଫିସ, ୧୭।୧୨

ଜିଲାର ମୁଖ୍ୟ ଚିକିତ୍ସାଳୟ। ରୋଗୀସେବା ପାଇଁ ଭଲ ଭିତ୍ତିଭୂମି ସହ ବିଭିନ୍ନ ବିଭାଗରେ ବିଶେଷଜ୍ଞ, ଡାକ୍ତର ରହିଛନ୍ତି ଏଠାରେ। ତେଣୁ ଉନ୍ନତ ଚିକିତ୍ସା ସୁବିଧା ପାଇବା ଆଶା, ବିଶ୍ୱାସ ରଖି ଅନୁଗୋଳ ଜିଲାର କୋଣ ଅନୁକୋଣରୁ ଦୈନିକ ଶତାଧିକ ରୋଗୀ ଆସୁଛନ୍ତି ଏହି ମେଡିକାଲକୁ। ପଡ଼ୋଶୀ ଦେବଗଡ଼, ଢେଙ୍କାନାଳ, ବୌଦ୍ଧ ଜିଲାର ସୀମାନ୍ତବର୍ତ୍ତୀ ଲୋକେ ମଧ୍ୟ ଅନୁଗୋଳ ଡାକ୍ତରଖାନା ଉପରେ ନିର୍ଭରଶୀଳ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରୋଗୀସେବା ଚାଲିଥିବାବେଳେ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ପରିଚାଳକ ଦାୟିତ୍ୱରେ ରହିଛନ୍ତି। ହେଲେ ଦୁର୍ନୀତି ଅଭିଯୋଗ, ଚିକିତ୍ସାରେ ଅବହେଳା, ମେଡିକାଲ ସାମଗ୍ରୀ ଚୋରି, ଦଲାଲମାନଙ୍କ ଶୋଷଣ ସହ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ଠିକ୍ ନ ଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ଏହି ମେଡିକାଲ ଅନେକ ସମୟରେ ବିବାଦରେ ଛନ୍ଦି ହେଉଛି। ନିର୍ମାଣାଧୀନ ଶହେ ଶଯ୍ୟା ବିଶିଷ୍ଟ ଆଇସିୟୁ ବିଲ୍ଡିଂରୁ ପଡ଼ି ଗତ ଗୁରୁବାର ଜଣେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପରିଚାଳନା ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଜଣେ ରୋଗୀ ଏହି ବିଲ୍ଡିଂ ଝରକା ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ମାତ୍ର ମାସ କେଇଟା ନ ଯାଉଣୁ କୋଠା ଉପରୁ ପଡ଼ି ଜଣେ ରୋଗୀଙ୍କ ଜୀବନଯିବା କର୍ତ୍ତୃପକ୍ଷଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ରୋଗୀ ସେବା କ୍ଷେତ୍ରରେ ଅଧିକାରୀମାନଙ୍କ ଆନ୍ତରିକତା, ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଅଭାବରୁ ଏହି ଜିଲା ମୁଖ୍ୟ ଚିକିତ୍ସାଳୟ ଏପରି ବଦନାମ ମୁଣ୍ଡାଉଥିବା ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏ ଦିଗରେ କଠୋର ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି।

### ପ୍ରଶାସନ ତାଗିଦ କରୁ



"ମେଡିକାଲରେ ପରିଚାଳନାଗତ ତ୍ରୁଟି ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ତଦାରଖ ଦାୟିତ୍ୱରେ ଥିବା ପରିଚାଳକ କ'ଣ କରୁଛନ୍ତି,ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏ ନେଇ ତୁରନ୍ତ ତାଗିଦ କରିବା ସହ ତ୍ରୁଟି ଦେଖିଲେ କାର୍ଯ୍ୟାନୁଷ୍ଠାନ ନେଉ।

-ସୋମନାଥ ରାଉତ, ସମ୍ପାଦକ, ଅନୁଗୋଳ ଓକିଲ ସଂଘ

### କଡ଼ା ପଦକ୍ଷେପ ନିଆଯାଉ



"ମେଡିକାଲରେ ରୋଗୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆ ନ ଯିବା ଚିନ୍ତାଜନକ। ରୋଗୀଙ୍କ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ଆବଶ୍ୟକ। ଯେଉଁମାନେ ଦୋଷୀ, ସେମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଗଲେ ଆଗକୁ ଏପରି ତ୍ରୁଟି ଦେଖିବାକୁ ମିଳିବ ନାହିଁ।

-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

### ନିର୍ମାଣାଧୀନ ଗୃହରେ ରୋଗୀ ସେବା କାହିଁକି



ନିର୍ମାଣାଧୀନ କୋଠାରେ ରୋଗୀସେବା କେତେ ସୁରକ୍ଷିତ ସେ ନେଇ ଆଦୌ ଧ୍ୟାନ ଦିଆଯାଉ ନାହିଁ। ଚିକିତ୍ସା ସେବା ଯୋଗାଇ ଦେବା ନାମରେ ଯେଉଁଭଳି ଅବ୍ୟବସ୍ଥା କରାଯାଉଛି, ସେଥିରେ ସୁଧାର ନ ଆସିଲେ ରୋଗୀଙ୍କ ଧନ ଜୀବନ ଏପରି ବିପଦରେ ପଡ଼ୁଥିବ।

-ଅଭୟ ରାୟ, ବୁଦ୍ଧିଜୀବୀ

# ଢେଙ୍କାନାଳରେ ମେଡିକାଲ କଲେଜ ଦାବି

ଢେଙ୍କାନାଳ ଅଫିସ, ୧୭।୧୨

ଆକାଂକ୍ଷା ଜିଲା ଅନ୍ତର୍ଗତ ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏଥିଲାଗି ଆବଶ୍ୟକ ଭିତ୍ତିଭୂମି ମଧ୍ୟ ରହିଛି। ତଥାପି କେନ୍ଦ୍ର ସରକାର ପ୍ରତିଶ୍ରୁତି ପାଳନ କରୁ ନ ଥିବା ପରିତାପର ବିଷୟ ବୋଲି କ୍ଷୋଭବ୍ୟକ୍ତ କରିଛନ୍ତି ଏମ୍‌ପି ମହେଶ ସାହୁ। ସଂସଦର ଶୀତକାଳୀନ ଅଧିବେଶନରେ ଏମ୍‌ପି ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଉପସ୍ଥାପନ କରିବା ସହିତ ବ୍ୟକ୍ତିଗତ ଭାବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡଭିୟଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଦାବି ସମ୍ପର୍କରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଏମ୍‌ପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏମ୍‌ପି ଦାବିପତ୍ର ପ୍ରଦାନ କରୁଛନ୍ତି।

# ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା

ବଇଣ୍ଡା,୧୭।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ୧୪ ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବବିତା ପ୍ରଧାନଙ୍କ ସଭାପତିତ୍ୱରେ ବୈଠକରେ ଅତିଥି ଭାବେ ବିଡିଓ ଡ.ସ୍ୱରୁପା ନନ୍ଦ ସାହୁ, ଏବିଡିଓ ଜ୍ୟାତିରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ଅର୍ଜୁନ ପାଣ୍ଡେ, ବଂଶୀଧର ସେଠୀଙ୍କ ସହ ୨୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯିବା ସହ କିଶୋରନଗର ବ୍ଲକକୁ ମରୁଡି ଘୋଷଣା ପାଇଁ ଦାବି କରାଯାଇଥିଲା। ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ ଯୋଗୁ ଫସଲ ନଷ୍ଟ ହେଉଥିଲେ ମଧ୍ୟ ବନବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁ ନ ଥିବା ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ ଅଭିଯୋଗ କରିଥିଲେ। ସେହିପରି ବଇଣ୍ଡା ଓ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀ ହଇରାଣ ହେଉଥିବା ସରପଞ୍ଚ ଜଳଧର ସାହୁ ଅଭିଯୋଗ କରିଥିଲେ। ଶିକ୍ଷା, କୃଷି, ଗମନାଗମନ ଉପରେ ଆଲୋଚନା କରାଯାଇଥିଲା।



ବୈଠକରେ ଲୋକପ୍ରତିନିଧିମାନଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

# ସଚ୍ଚୋଟ ହୁଅ, ବୃତ୍ତିକୁ ଭଲପାଅ

## ଜିଲା ଓକିଲ ସଂଘର ଆଲୋଚନାଚକ୍ର

ଢେଙ୍କାନାଳ ଅଫିସ, ୧୭।୧୨

ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ 'ଭାରତୀୟ ସମାଜର ବିକାଶରେ ଆଇନଜୀବୀଙ୍କ ଭୂମିକା' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଲେ, ସମାଜ ଗଠନରେ ଯୁବ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଚ୍ଚୋଟ ହେବା ସହିତ ବୃତ୍ତିକୁ ଭଲ ପାଇବା ଦରକାର। ଦୈନିକ କିଛି ନା କିଛି ଶିଖିବା ଉଦ୍ଦେଶ୍ୟ ରଖି ଲାଇବ୍ରେରିରେ ୧୦% ସମୟ ଦେବାକୁ ପଡ଼ିବ। କାରଣ ଲାଇବ୍ରେରି ହେଉଛି ଆଇନଜୀବୀଙ୍କ ବଡ ସମ୍ପତ୍ତି। କୌଣସି ଆଶା ନ ରଖି ଅଧିକ ଜ୍ଞାନ ଆହରଣ ପାଇଁ ବ୍ରତୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗଦେଇ କହିଲେ, ସ୍ୱାଧୀନତା ସଂଗ୍ରାମରେ ଆଇନଜୀବୀଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉତ୍କଳ ଗୌରବ ମଧୁସୂଦନ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ଥିଲେ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆଇନଜୀବୀଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ଜିଲା ଦୌରାଜଜ୍ ଶରତ ଚନ୍ଦ୍ର ଦେହୁରୀ ଆଇନସେବାରେ ଢେଙ୍କାନାଳ ଜିଲାର ଭୂମିକା, ବରିଷ୍ଠ ଆଇନଜୀବୀ ନବୀନଚନ୍ଦ୍ର ନାରାୟଣ ଦାସ ଏବଂ କୃଷ୍ଣଚନ୍ଦ୍ର ସାହୁ ଭାରତୀୟ ସମାଜର ବିକାଶରେ ଆଇନଜୀବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ହାଇକୋର୍ଟ, ଢେଙ୍କାନାଳ ସିଭିଲ କୋର୍ଟର ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ଟଙ୍କଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# କଠିନ ପରିଶ୍ରମ କରିବାକୁ ପରାମର୍ଶ

ବଇଣ୍ଡା,୧୭।୧୨(ଡି.ଏନ.ଏ.)

କଠିନ ପରିଶ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ଶୁକ୍ରବାର କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ଅଧକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଡ. ସ୍ୱରୁପା ନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀ ସେନ ସାହୁ, ଅଧ୍ୟାପିକା ରୁଚିସ୍ମିତା ପରିଡା, ରୋଜାଲିନୀ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ଯୋଗଦେଇଥିଲେ। ଆକାଶ ସାହୁ, ରଚନା ବେହେରା, ପ୍ରତୀକ୍ଷା ବେହେରା, ମୁନା ମାଟିଆରୀ, ରାକେଶ ତାଣ୍ଡିଆ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅଧିକାରୀ ଓ ଶିକ୍ଷାବିତ୍‌ମାନେ।

# ଖବରକାଗଜ ବିତରକଙ୍କୁ ପଞ୍ଜୀକରଣ ପତ୍ର

ଢେଙ୍କାନାଳ ଅଫିସ,୧୭।୧୨

ଢେଙ୍କାନାଳ ଜିଲା ଶ୍ରମ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଖବରକାଗଜ ବିତରକଙ୍କୁ ପଞ୍ଜୀକରଣ ପତ୍ର ପ୍ରଦାନ କରାଯାଇଛି। ଶ୍ରମ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୭୭ ଜଣ ଖବରକାଗଜ ବିକ୍ରେତାଙ୍କୁ ଅଣ ସଙ୍ଗଠିତ ଶ୍ରମିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକରଣ ପତ୍ର ପ୍ରଦାନ କରାଯାଇଛି। ଶନିବାର ଅବଶିଷ୍ଟ ୭୨ ଜଣଙ୍କୁ ପଞ୍ଜୀକରଣ ପତ୍ର ପ୍ରଦାନ କରାଯିବ। ଏଥିପୂର୍ବରୁ ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକ ସୁରକ୍ଷା ବୋର୍ଡ ଅଧୀନରେ ସମସ୍ତଙ୍କ ନିଃଶୁଳ୍କ ପଞ୍ଜୀକରଣ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ଶ୍ରମ ନିରୀକ୍ଷକ ହଳଧର ବରାଳ, ରଶ୍ମିରଞ୍ଜନ ବରାଳ ପ୍ରମୁଖ ସହଯୋଗ କରିଥିଲେ।




ପଞ୍ଜୀକରଣପତ୍ର ପାଇଥିବା ଖବରକାଗଜ ବିତରକମାନେ।

# ନୂଆବର୍ଷରୁ ଅନୁଗୋଳରୁ ଗଡ଼ିବ ମେମୁ ଟ୍ରେନ୍

ଅନୁଗୋଳ ଅଫିସ, ୧୭।୧୨

ତାଳଚେରରେ ଷ୍ଟେଶନରୁ ଛାଡୁଥିବା ଅନୁଗୋଳ-ପୁରୀ ମେମୁ ଟ୍ରେନ୍ ଅନୁଗୋଳ ଠାରୁ ଚଳାଚଳ କରିବା, ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ସହିତ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ସ୍ୱାଭାବିକ ଚଳାଚଳ କରାଇବା ଆଦି ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଶୁକ୍ରବାର ଅନୁଗୋଳ ରେଳ ଷ୍ଟେଶନଠାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯାଇଥିଲା। ଖବରପାଇ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଆସନ୍ତା ଜାନୁୟାରୀ ୧ ତାରିଖରୁ ମେମୁ ଟ୍ରେନ୍ ଅନୁଗୋଳ ଷ୍ଟେଶନରୁ ପୁରୀ ଅଭିମୁଖେ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଆନ୍ଦୋଳନକାରୀମାନେ ଶିକ୍ଷକପଡାସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷା ବଳ ଓ ପୋଲିସ ଆନ୍ଦୋଳନକାରୀମାନଙ୍କୁ ଅଟକାଇଥିଲେ। ପରେ ଅତିରିକ୍ତ ଡିଆର୍‌ଏମ୍ ପହଞ୍ଚି ଆଲୋଚନା କରିଥିଲେ। ୨୦୨୨ ଜାନୁୟାରୀ ୧ରୁ ମେମୁ ଟ୍ରେନ୍ ସପ୍ତାହକୁ ୩ ଦିନ ଦୁଇ ସପ୍ତାହ ଚାଲିବା ପରେ ଦୈନିକ ଅନୁଗୋଳ ଷ୍ଟେଶନରୁ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ଏଥିସହ ଅନ୍ୟ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏସ୍‌ୟୁସିଆଇ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ରଣଜିତ ପ୍ରଧାନ, ମାନସୀ ସ୍ୱାଇଁ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, କୈଳାସ ସାହୁ, ଚୁନା ନାଏକ, ପରମାନନ୍ଦ ସାହୁ, ଜିଲା ଜନଜୀବନ ସୁରକ୍ଷା କମିଟି ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ଦାମୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ସୁରକ୍ଷାକର୍ମୀମାନେ ଆନ୍ଦୋଳନକାରୀଙ୍କୁ ଅଟକାଇଛନ୍ତି।

## ଆହତ ହାତୀ ଛୁଆର ମୃତ୍ୟୁ

ଖମାର,୧୭।୧୨(ଡି.ଏନ.ଏ.)

ଦେବଗଡ଼ ବନାଞ୍ଚଳ ଖମାର ବନଖଣ୍ଡ ବାରକୋଟିଆ ଜଙ୍ଗଲରେ ଗୁରୁବାର ଏକ ଆହତ ହାତୀ ଛୁଆର ମୃତ୍ୟୁ ହୋଇଛି। ହାତୀପଲ ସହ ବୁଲୁଥିବା ଉକ୍ତ ଛୁଆହାତୀ ଗୋଡ଼ରେ କୌଣସି କାରଣରୁ କ୍ଷତ ହୋଇଥିଲା। ବହୁ ବିଳମ୍ବରେ ଏହା ଜାଣିବା ପରେ ବନ ବିଭାଗ ପକ୍ଷରୁ ଉପଚାର କରାଯାଉଥିଲା। କିନ୍ତୁ ବିଭାଗର ଏହି ଉଦ୍ୟମ ହାତୀ ଛୁଆଟିର ଜୀବନ ରକ୍ଷା କରିବାରେ ପର୍ଯ୍ୟାପ୍ତ ହୋଇପାରି ନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ହାତୀଛୁଆର ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏସିଏଫ୍ ରଶ୍ମିତା ଚୌଧରୀ କହିଛନ୍ତି, ପାହାଡ଼ରୁ ଖସିବା ସମୟରେ ହାତୀ ଛୁଆ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ମୃତ୍ୟୁର କାରଣ ଜାଣିବାକୁ ପରୀକ୍ଷା ପାଇଁ ନମୁନା ପଠାଯାଇଛି। ରିପୋର୍ଟ ଆସିଲା ପରେ ସ୍ପଷ୍ଟ ତଥ୍ୟ ମିଳିପାରିବ। ରେଞ୍ଜର ଚନ୍ଦ୍ରଶେଖର ଗଡ଼ନାୟକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ଆସିଲେ ଜଣାପଡିବ।

## ରକ୍ତମାଉଳୀଙ୍କ ବାର୍ଷିକ ପୂଜା



ଛେଣ୍ଡିପଦା,୧୭।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କରଡାବାହଳ ଗ୍ରାମର ମା'ରକ୍ତମାଉଳୀଙ୍କ ବାର୍ଷିକ ପୂଜା ସମାପନ ହୋଇଛି। ହିଙ୍ଗୁଳା ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା ପରେ ଶୋଭାଯାତ୍ରାରେ ମା'ରକ୍ତମାଉଳୀଙ୍କ ପୀଠକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲ। ଗ୍ରାମ ସଭାପତି ପ୍ରଦିପ ପ୍ରଧାନ, ସମ୍ପାଦକ ଅରୁଣ ପ୍ରଧାନ, ବେହେରା ପ୍ରଭାକର ପ୍ରଧାନ, ମନମୋହନ ସାହୁ, ଗୋବର୍ଦ୍ଧନ ସାହୁ, ପରଦେଶୀ ମାଝି, ଧୀର ବାଘ ଏବଂ ପୂଜା କମିଟି ସଭାପତି ରସାନନ୍ଦ ମାଝି, ଭାଗୀରଥି ମାଝି, କଷ୍ଟୁ ପ୍ରଧାନ, ବାଲୁଙ୍କେଶ୍ୱର ପ୍ରଧାନ, ଶରତ ପ୍ରଧାନ, ରୁଦ୍ରମୋହନ ସାହୁ, ହୃଦାନନ୍ଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ନବନିର୍ମିତ ଠାକୁରାଣୀଙ୍କ ଫାଟକକୁ ବିଧାୟକ ସୁଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ।

## ଶିକ୍ଷା ନୀତି ସମ୍ପର୍କିତ କାର୍ଯ୍ୟଶାଳା

ଆଠମଲ୍ଲିକ,୧୭।୧୨(ଡି.ଏନ.ଏ.)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ବଇଣ୍ଡା ସଂକୁଳ ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ର ଏକ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ସାଫି ସୈନିକା ଯୋଗଦାନ କରି ଭାରତ ସରକାରଙ୍କ ରାଷ୍ଟ୍ରୀୟ ଶିକ୍ଷା ନୀତିର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ଗିରିଶ ଚନ୍ଦ୍ର ବଡମାଳି, ସମ୍ପାଦକ ବିରଞ୍ଚି କୁମାର ଦେହୁରୀଙ୍କ ସମେତ ବଇଣ୍ଡା ସଂକୁଳ ସଂଯୋଜକ ରବୀନ୍ଦ୍ରନାଥ ଜେନା ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ଥାଟି ଧନ୍ୟବାଦ ଅର୍ପଣ କରିଥିଲେ। ସଂକୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

## ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଆଠମଲ୍ଲିକ,୧୭।୧୨(ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରୀଙ୍କୁ ନେଇ ଶୁକ୍ରବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ଅଧକ୍ଷ ଆଦିତ୍ୟ କୁମାର ସାହୁ ଯୋଗଦେଇ ଶୃଙ୍ଖଳାବୋଧ ଏବଂ ଜୀବନରେ ଆଗକୁ ବଢ଼ିବା ସମ୍ପର୍କରେ ମତ ରଖିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରଞ୍ଜିତ କୁମାର ସେଠୀ ଓ ଅଧ୍ୟାପକ ହୃଷୀକେଶ ମହାକୁଡ଼ ସାହିତ୍ୟ ସାଧକ ଗଙ୍ଗାଧର ମେହେରଙ୍କ ସମ୍ପର୍କରେ ଛାତ୍ରୀଛାତ୍ରୀଙ୍କୁ କହିଥିଲେ। ଅଧ୍ୟାପକ ଦୀପକ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

